# ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ କାର୍ଯ୍ୟାଳୟ,ପୁରୀ

ସଂଖ୍ୟା: ୪୦୪ ତା:୧୮.୧୧.୨୦୨୧

## (କାର୍ଯ୍ୟାଳୟ ଆଦେଶ)

ବିଷୟ: ମୁଖ୍ୟମନ୍ତ୍ରୀ ଲୋକକଳା ଟ୍ରଫିରେ ଅଂଶଗ୍ରହଣ ସମ୍ପର୍କରେ ।

ଏତଦ୍ଵାରା ପୁରୀ ଜିଲ୍ଲାର ସମସ୍ତ ଆଗ୍ରହୀ ଲୋକ କଳାକାର ଓ ଆନୁଷ୍ଠାନଙ୍କ ସଦୟ ଅବଗତି ନିମନ୍ତେ ଜଣାଇ ଦିଆଯାଉ ଅଛିକି ଆସନ୍ତା ୨୫.୧୧.୨୦୨୧ ତାରିଖ ଦିବା ୧୦ଘଟିକା ସମୟରେ ଜିଲ୍ଲା ସଂସ୍କୃତି ଭବନ ପୁରୀ ଠାରେ "ମୁଖ୍ୟମନ୍ତ୍ରୀ ଲୋକକଳା ଟ୍ରଫି" ବା ପ୍ରତିଯୋଗିତାର ଆୟୋଜନ କରାଯିବ, ଯେଉଁଥିରେ କେବଳ ପୁରୀଜିଲ୍ଲାର ଲୋକ କଳାକାର ଓ ଆନୁଷ୍ଠାନ ଯଥା : ସଙ୍କୀର୍ତ୍ତନ,ପାଲା, ଦାଶକାଠିଆ,ଘୋଡାନାଚ,ଗୋଟିପୁଅ ନୃତ୍ୟ,ସାହିଜାତ,ଧୁଡୁକି,ଚକୁଳିଆ ପଣ୍ଡା,ସମ୍ବଲପୁରୀ ନୃତ୍ୟ ଆଦି ବା ଅନ୍ୟାନ୍ୟ ଲୋକନୃତ୍ୟ ଓ ଲୋକସଙ୍ଗୀତ ଦଳ ସ୍ଵଇଚ୍ଛାରେ ଯୋଗଦାନ କରିପାରିବେ । ଏହି ପ୍ରତିଯୋଗୀତାରେ ଅଂଶଗ୍ରହଣ କରୁଥିବା ପ୍ରତିଯୋଗୀ ଙ୍କ ପାଇଁ କେବଳ ମଧ୍ୟାନ ଭୋଜନ ଓ ଜଳଯୋଗର ବ୍ୟବସ୍ଥା କରାଯିବ । ଏହି ପ୍ରତିଯୋଗୀତାରେ ଅଂଶଗ୍ରହଣ କରୁଥିବା ଆଗ୍ରହୀ ଲୋକ କଳାକାର,ଦଳ ଓ ଆନୁଷ୍ଠାନଙ୍କୁ କୌଣସି ପାରିଶ୍ରମିକ, ଯାତାୟାତ ବା ଗସ୍ତ ଖର୍ଚ୍ଚ ପ୍ରଦାନ କରାଯିବ ନାହିଁ ଓ କେବଳ ପ୍ରତିଯୋଗିତାର ବିଜେତାମାନଙ୍କୁ ମାନପତ୍ର/ଉପଢୌକନ ଦେଇ ସଂମ୍ମାନୀତ କରାଯିବ । ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ପୁରୀ ଜିଲ୍ଲାର ଆଗ୍ରହୀ ଲୋକନୃତ୍ୟ ଓ ଲୋକସଙ୍ଗୀତ ଦଳ ମାନେ ସେମାନଙ୍କ ସୂଚନା ନିମ୍ନୋକ୍ତ ଫର୍ମରେ ପୂରଣ କରି ଆସନ୍ତା ୨୪.୧୧.୨୦୨୧ ତାରିଖ ପୂର୍ବରୁ Whatsapp (9178415411) ମାଧ୍ୟମରେ ପ୍ରେରଣ କରିପାରିବେ ।

ଆପଣଙ୍କ ବିଶ୍ଵସ୍ତ ,

୧୮.୧୧.୨୦୨୧

**ଜିଲ୍ଲା ସଂସ୍କୃତି ଅଧିକାରୀ**
**ପୁରୀ**

ଜ୍ଞାପକ ସଂଖ୍ୟା ୪୦୨ /ତାରିଖ ୧୮.୧୧.୨୦୨୧

ଏହାର ଏକକିତା ନକଲ ଜିଲ୍ଲାପାଳ ,ପୁରୀଙ୍କ ବ୍ୟକ୍ତିଗତ ସହାୟକଙ୍କ ନିକଟକୁ ଜିଲ୍ଲାପାଳଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

୧୮.୧୧.୨୦୨୧

**ଜିଲ୍ଲା ସଂସ୍କୃତି ଅଧିକାରୀ**
**ପୁରୀ**

ଜ୍ଞାପକ ସଂଖ୍ୟା ୪୦୩ /ତାରିଖ ୧୮.୧୧.୨୦୨୧

ଏହାର ଏକକିତା ନକଲ ପୁରୀ ଜିଲ୍ଲାର ସମସ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ-ବା –ସଭାପତି, ବ୍ଲକ କଳା ସଂସ୍କୃତି ସଂଘ ଙ୍କ ସଦୟ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

୧୮.୧୧.୨୦୨୧

**ଜିଲ୍ଲା ସଂସ୍କୃତି ଅଧିକାରୀ**
**ପୁରୀ**

ଜ୍ଞାପକ ସଂଖ୍ୟା ୪୦୮ /ତାରିଖ ୧୮.୧୧.୨୦୨୧

ଏହାର ଏକକିତା ନକଲ ପୁରୀ ଜିଲ୍ଲାର ସମସ୍ତ ଆଗ୍ରହୀ ଲୋକ କଳାକାର ଓ ଆନୁଷ୍ଠାନଙ୍କ ସଦୟ ଅଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

୧୮.୧୧.୨୦୨୧

**ଜିଲ୍ଲା ସଂସ୍କୃତି ଅଧିକାରୀ**
**ପୁରୀ**

| Sl.No | Team Name | Team Leader Name | Mobile no. | Artform | Block/ULB |
|---|---|---|---|---|---|
| | | | | | |
| | | | | | |
| | | | | | |
| | | | | | |